# Akashvani, Sambalpur

# SAMBALPURI NEWS BULLETIN

## 2 September 2024- 6.47- 6.52 am.

**********************************************

ସୁଭଦ୍ରା ଯୋଜ୍‌ନାର୍ ପଞ୍ଜିକରଣ ଆର୍‌ଏନ୍‌ୟୁ / ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାକେ ଘର୍ ଘର୍ ପହଁଚାବାର୍ ଲାଗି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ରାଜ୍ୟ ଆଉ ଜିଲ୍ଲାସ୍ତର୍ ନ ତାଲିମ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ ତାଲିମ୍ କାର୍ଯ୍ୟକ୍ରମ୍‌କେ ରାଜ୍ୟ ପ୍ରଶାସନ୍‌ଥି ଉଚ୍ଚସ୍ତର୍‌ନୁ ଆରମ୍ଭ୍ କରିକରି ତଲ୍‌ସ୍ତର୍‌ତକ୍ କାର୍ଯ୍ୟକାରୀ କରାଯାଉଛେ । ଆବେଦନ୍‌କାରୀଙ୍କୁ ଠିକ୍ ସୂଚ୍‌ନା ଦେବାର୍, ଆବେଦନ୍ ପ୍ରକ୍ରିୟାକେ ଠିକ୍ ଭାବେ ନିର୍ବାହ କରିକରି ମାର୍ଗଦର୍ଶିକା ଅନ୍‌ସାରେ ସୁଭଦ୍ରା ଯୋଜ୍‌ନାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ରାଜ୍ୟ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ସବୁ ଜିଲ୍ଲାପାଳ୍, ରାଜସ୍ୱ ଆୟୁକ୍ତ ଆଉ ମହାନଗର୍ ନିଗମ୍‌ର କମିଶନର୍ ମାନ୍‌କର୍ ସହେତେ ଆଭାସୀ ଜରିଏ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ ଠାନେ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ସେନ୍ତା ଆଏବା ୯ ତାରିଖ୍ ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଆର୍ ୧୬ ତାରିଖ୍ ଦିନ ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ ପଡୁଥିବାର୍‌ନୁ ସେ ଦିନ୍‌ମାନ୍‌କୁ ଭିଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଜାରି ବିଜ୍ଞପ୍ତିନୁ ଜନାପଡ଼ିଛେ ।

ମୁଖ୍ୟ ବିଚାର୍‌ପତି ଆର୍‌ଏନ୍‌ୟୁ /ସମ୍ବଲପୁର

ଦିବ୍ୟାଙ୍ଗ ଛୁଆମାନ୍‌କର୍ ସମସ୍ୟା ଆଉ ଦୁର୍ବଲତାର୍ ଉପ୍‌ରେ ବିଶେଷ୍ ଧ୍ୟାନ୍ ଆଉ ଯତନ୍ ଦର୍‌କାର୍ ବଲି ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ କହିଛନ୍ । କଟକ୍‌ର ଓଡ଼ିଶା ଜୁଡ଼ିସିଆଲ୍ ଏକାଡେମୀ ଠାନେ ଦିବ୍ୟାଙ୍ଗ ଛୁଆମାନ୍‌କର୍ ସୁରକ୍ଷା ବାବଦ୍‌ର ୯ ନମ୍ବର ବାର୍ଷିକ ଅଂଶୀଦାର୍ ପରାମର୍ଶ ଆଲୋଚାଚକ୍ରଥି ଆଭାସୀ ଜରିଏ ମୁଖ୍ୟ ବିଚାର୍‌ପତି ଯୋଗ୍

ଦେଇକରି ଛୁଆମାନ୍‌କର୍ ଦର୍‌କାର୍ ଆଉ ଆହ୍ବାନ୍‌ର ମୁକାବିଲା ଉପ୍‌ରେ ଜୋର୍ ଦେଇଥିଲେ ।

ସ୍କୁଲ୍ ଶିକ୍ଷକ ନିଯୁକ୍ତି ଆର୍‌ଏନ୍‌ୟୁ / ସମ୍ବଲପୁର

ଅନୁସୂଚିତ ଜାତି, ଜନଜାତି ଉନ୍ନୟନ୍ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ଅଧୀନ୍‌ଥି ଥିବାର୍ ରାଜ୍ୟର୍ ସର୍‌କାରୀ ସ୍କୁଲ୍ ମାନ୍‌କେ ଖାଲିଥିବାର୍ ୨ ହଜାର୍ ୬ ଶହ ୨୯ ଟା ଶିକ୍ଷକ୍ ପଦ୍‌ବୀ ପୂରଣ୍ କରାଯିବା । ଶିକ୍ଷକ୍ ପଦ୍‌ବୀ ଲାଗି ଆଏବା ୧୦ ତାରିଖ୍‌ନୁ ପଞ୍ଜିକରଣ୍ ଆଉ ଆବେଦନ୍ ମୁଲ୍ ହେବା । ପଞ୍ଜିକରଣ୍ କାମ୍ ଆଏବା ମାସର୍ ୫ ତାରିଖ୍‌ତକ୍ ଆଉ ଆବେଦନ୍ ପ୍ରକ୍ରିୟା ୧୦ ତାରିଖ୍‌ତକ୍ ଚାଲ୍‌ବା । ଇ ଶିକ୍ଷକ୍ ପଦ୍‌ବୀ ଲାଗି ଯୋଗ୍ୟତା, ପରୀକ୍ଷା ଢାଂଚା ଆଉ ସିଲାବସ୍ ବାବ୍‌ଦର୍ ସବୁ ସୂଚ୍‌ନା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ୍-ଓଏସ୍‌ଏସ୍‌ସି ର ୱେବ୍‌ସାଇଟ୍‌ଥି ରହିଛେ ।

ଶିଳ୍ପ - ମହିଳା ନିଯୁକ୍ତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଶିଳ୍ପ ଥାପ୍‌ନା କରୁଥିବାର୍ କମ୍ପାନୀ ମାନ୍‌କୁ ମହିଳାମାନ୍‌କର୍ ନିଯୁକ୍ତି ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଉପ-

ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଉତ୍କଲ୍ ଚେମ୍ବର୍ ଅଫ୍ କମର୍ସ ଆଉ ଇଣ୍ଡିଷ୍ଟ୍ରୀ ତର୍‌ଫୁଁ ଭୁବ୍‌ନେଶ୍ୱର୍ ଠାନେ ଗ୍ଲୋବାଲ୍ ଟ୍ରେଡ୍ ସୋ- ରିସର୍ଜେଣ୍ଟ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ଜରିଏ ମହିଲାମାନ୍‌କର୍ ସଶକ୍ତିକରଣ୍ ଉପ୍‌ରେ ଜୋର୍ ଦେଇଥିଲେ । ଶିଳ୍ପ କ୍ଷେତ୍ର ନ ଅଏତ୍‌କାନୁ ଅଏତ୍‌କା ମହିଲାଙ୍କର୍ ନିୟୋଜନ୍ ଲାଗି ସୁଯୋଗ୍ ସୃଷ୍ଟି କର୍‌ବାର୍ ଆଉ ଉଦ୍ୟୋଗୀ ମହିଲାମାନ୍‌କର୍ ଲାଗି ଅଏତ୍‌କା ବ୍ୟବସାୟ ସୁଯୋଗ୍ ସୃଷ୍ଟି କର୍‌ବାର୍ ଲାଗି ଭିଲ୍ ସେ ଆହ୍ୱାନ୍ ଦେଇଥିଲେ ।

ଜିଏସ୍‌ଟି ସଂଗ୍ରହ - ଅଗଷ୍ଟ ଆର୍‌ଏନ୍‌ୟୁ / ସମ୍ବଲପୁର

ଚଲ୍‌ତି ଆର୍ଥିକ୍ ବଛ୍‌ରର୍ ଅଗଷ୍ଟ୍ ମାସେ ଦରବ୍ ଆଉ ସେବାକର- ଜିଏସ୍‌ଟି ଆଦାୟ ପରିମାଣ୍ ୧ ଲାଖ୍ ୭୪ ହଜାର୍ ୯ ଶହ ୬୨ କୋଟି ଟଙ୍କା ହେଇଛେ । ଯେନ୍‌ଟାକି ଗଲା ବଛ୍‌ରର୍ ଅଗଷ୍ଟ ମାସ୍‌ନୁ ୧୦ ପ୍ରତିଶତ୍ ଅଏତ୍‌କା ଆଏ । ହେନ୍ତା ସିଜିଏସ୍‌ଟି, ଏସ୍‌ଜିଏସ୍‌ଟି ଆଇଜିଏସ୍‌ଟି ଆର୍ ସେସ୍ ଟିକସ୍ ଠୁଲାବାର୍‌ଥି ଭିଲ୍ ଆଗର୍‌ନୁ ବଢ଼ିଛେ ।

ପ୍ରଧାନ୍ ମୁଖ୍ୟ ଆୟକର କମିଶନର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ପ୍ରଧାନ୍ ମୁଖ୍ୟ ଆୟକର କମିଶନର୍ ଭାବେ ରାହୁଲ୍ କର୍ଣ୍ଣ ଗଲାକାଏଲ୍ ଦାୟିତ୍ୱ ନେଇଛନ୍ । ୧୯୮୯ ବେଚ୍‌ର ଆଇଆର୍‌ଏସ୍ ଅଧିକାରୀ ଶ୍ରୀ କର୍ଣ୍ଣ ଇତାର୍ ଆଗ୍‌ରୁ ବିହାର୍ ଆଉ ଝାର୍‌ଖଣ୍ଡ୍‌ର ଆୟକର ମହାନିର୍ଦ୍ଦେଶକ - ଅନୁସନ୍ଧାନ୍ ପଦବୀଥି ଅବସ୍ଥାପିତ୍ ଥିଲେ ।

ବର୍ଷା ଟ୍ରେନ୍ ବାତିଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଲଗାଏତ୍ ବର୍ଷାର୍ ଲାଗି ବିଜୟୱାଡ଼ା-ରାଜ୍‌ମୁନ୍ଦ୍ରି ରେଲ୍ ସେକ୍ସନ୍ ନ ଜଲ୍‌ବନ୍ଦ୍ ସମସ୍ୟା ଦେଖାଦେଇଛେ । ଇତାକେ ନଜର୍‌ଥି ରଖିକରି ଗଲାକାଏଲ୍ ଆର୍ ଆଏଜ୍ ୧୮ ଟା ଟ୍ରେନ୍ ବାତିଲ୍ କରାଯାଇଥିବାର୍ ଜନାପଡ଼ିଛେ । ଆଏଜ୍ ଭୁବ୍‌ନେଶ୍ୱର୍-ସିକନ୍ଦରାବାଦ୍ ବିଶାଖା ଏକ୍ସପ୍ରେସ୍, ଭୁବନେଶ୍ୱର୍-ବାଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ୍, ଭୁବ୍‌ନେଶ୍ୱର୍ ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍, ସମ୍ବଲ୍‌ପୁର୍-ନାନ୍ଦେଡ଼୍ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ୍ କରାଯାଇଥିବାର୍ ପୂର୍ବତଟ ରେଲପଥ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଲୋୟର୍ ଇନ୍ଦ୍ର ପ୍ରକଳ୍ପ -ଜିଲ୍ଲାପାଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଲୋୟର୍ ଇନ୍ଦ୍ର ଜଳସେଚନ୍ ପ୍ରକଳ୍ପର୍ ବୁଡ଼ି ଗାଁ ଘର୍‌ଧରାକେ ଗଲାକାଏଲ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଗସ୍ତଥି ଯାଇଥିଲେ । ସେ ଗାଁର୍ ଲୁକ୍‌କର୍ ସହେତେ ସେମାନ୍‌କର୍ ସମସ୍ୟା ବାବ୍‌ଦେ ପଚ୍‌ରାବୁଝା କର୍‌ବାର୍ ଉତ୍‌ରୁ ଇତାର୍ ପ୍ରତିକାର୍ ଲାଗି ବିଭାଗ୍‌ର ଅଧିକାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବିସ୍ଥାପିତ ସହାୟତା ରାଶି ଭିନ୍ ଭିନ୍ ଯୋଜ୍‌ନାଥି ସାମିଲ୍ କର୍‌ବାର୍ ଆର୍ ଇମାନ୍‌କୁ ଆବାସ ଗୃହ ଯୁଗାବାର୍ ବାବ୍‌ଦେ ଭିଲ୍ ଜିଲ୍ଲାପାଲ୍-ଅଧିକାରୀମାନ୍‌କର୍ ସହେତେ ଆଲୋଚନା କରିଥିଲେ ।

ଆନନ୍ଦ୍ ବଜାର୍ ସୁରକ୍ଷା          ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଆନନ୍ଦ ବଜାର୍ ନ ସୁରକ୍ଷାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଆଉଟ୍‌ସୋର୍ସିଂ ଜରିଏ ୨୦ ଝନ୍ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛେ । ଇମାନ୍‌କର୍ ଭିତ୍‌ରୁ ୧୦ ଝନ୍ ଶ୍ରୀମନ୍ଦିର୍‌ର ଆନନ୍ଦ ବଜାର୍ ଆର୍ ଭିତର ବେଢ଼ା ସୁରକ୍ଷା ଦାୟିତ୍ୱଥି ଗଲାକାଏଲ୍ ଯୋଗ୍ ଦେଇଛନ୍ । ଇ ସୁରକ୍ଷା କର୍ମୀ

ମାନେ ଆନନ୍ଦ ବଜାର୍ ନ ଭିନ୍ ଭିନ୍ ଶୃଙ୍ଖଳା ଉପ୍ରେ ନଜର୍ ରଖିବେ ।

ରାଜ୍ୟ ମହିଳା ଫୁଟ୍‌ବଲ୍ ଫାଇନାଲ୍        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ରାଜ୍ୟ ସିନିଅର୍ ଆନ୍ତଃଜିଲ୍ଲା ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ସୁନ୍ଦର୍‌ଗଡ଼୍ ଜିଲ୍ଲା ଦଲ୍ ଚମ୍ପିଆନ୍ ହେଇଛନ୍ । ସୁନ୍ଦର୍‌ଗଡ଼୍ ଦଲ୍ ୧-ଶୂନ୍ ଗୋଲ୍‌ଥି କଟକ୍ ଜିଲ୍ଲା ମହିଳା ଏକାଦଶ୍‌କେ ହରେଇଥିଲେ । ସୁନ୍ଦର୍‌ଗଡ଼୍‌ର ସୁଭାଶିନୀ ସାହା ଖେଲ୍‌ର ଶ୍ରେଷ୍ଠ ଖେଲାଲି ଆର୍ ତୁଲସୀ ଟପ୍ପୋ ଶ୍ରେଷ୍ଠ ଉଦୀୟମାନ୍ ଖେଲାଲୀ ଆର୍ କଟକ୍‌ର ସୁନୀତା ସ୍ୱାଇଁଙ୍କୁ ଟୁର୍ଣ୍ଣାମେଂଟ୍‌ର ଶ୍ରେଷ୍ଠ ଖେଲାଲୀ ଭାବେ ପୁରସ୍କାର୍ ଦିଆଯାଇଥିଲା ।

ପାଣିପାଗ- ବର୍ଷା        ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ଓଡ଼ିଶାର୍ ସମୁଦ୍ର କୂଲିଆ ଇଲାକା, ଉତର୍ ଆନ୍ଧ୍ରପ୍ରଦେଶ୍ ଆର୍ ଛତିଶ୍‌ଗଡ଼୍ ନ ବନିଥିବାର୍ ଅବପାତ ପଶ୍ଚିମ- ଉତର୍‌ପଶ୍ଚିମ ଦିଗ୍‌କେ ଗତି କରିଛେ । ଇଥିର୍‌ଲାଗି ଆଏବା ୫ ତାରିଖ୍‌ନୁ

ସମ୍ବଲ୍ପୁର୍, ଦେବ୍ଗଡ୍, ଅନୁଗୁଲ୍, ଢେଙ୍କାନାଲ୍, ନୟାଗଡ୍, ଖୋର୍ଦ୍ଧା, କଟକ୍ , ପୁରୀ ଜିଲ୍ଲାର୍ କେତେଟା ଜାଗା କାଲ୍ବୈଶାଖୀ ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।